# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 01st January – 2026

**********************************

## ମୁଖ୍ୟ ସମ୍ବାଦ

- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ।

— ମାଧ୍ୟମିକ ଶିକ୍ଷା ସହ ଦକ୍ଷତା ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏହି ପଦକ୍ଷେପ ବଡ଼ ପରିବର୍ତ୍ତନ ଆଣିବ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଇଂରାଜୀ ନବବର୍ଷ ଅବସରରେ ଶାସନ ପ୍ରଶାସନକୁ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ବରିଷ୍ଠ ଅଧିକାରୀମାନଙ୍କୁ ୧୫ ସୂତ୍ରୀ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

- କେନ୍ଦ୍ର ସରକାର ୪ଟି ନୂତନ ଶ୍ରମ ସଂହିତାପାଇଁ ଜାରି କଲେ ଚିଠା ନିୟମାବଳୀ ବିଜ୍ଞପ୍ତି ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଓ ବେଳାଭୂମିରେ ସୂର୍ଯ୍ୟାସ୍ତ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ।

# ଧର୍ମେନ୍ଦ୍ର ପ୍ରଧାନ

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଗୁଣବତ୍ତାସମ୍ପନ୍ନ ଶିକ୍ଷାପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି ।

***Voice (Prez)*** :...........

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଇଗ୍ନୋର ଏହି କେନ୍ଦ୍ର ପ୍ରତିଷ୍ଠାଦ୍ୱାରା ସମାଜରେ ରୋଜଗାର ଓ ଉଦ୍ୟମିତା ବୃଦ୍ଧି ପାଇବ । ମାଧ୍ୟମିକ ଶିକ୍ଷା ସହିତ ଦକ୍ଷତା ଶିକ୍ଷା ପ୍ରଦାନ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି । ମୟୂରଭଞ୍ଜର ପ୍ରାକୃତିକ ସମ୍ପଦ, ବନଜାତ ଦ୍ରବ୍ୟ ଏବଂ ଶ୍ରମଶକ୍ତିର ଉଚିତ ବିନିଯୋଗପାଇଁ ସ୍ଥାନୀୟ ଜନଜାତି ଓ ଗ୍ରାମୀଣ ଜନସାଧାରଣଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସଚେତନ କରାଯିବ । ଏହା ସେମାନଙ୍କର ଦକ୍ଷତା ବୃଦ୍ଧି କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

*Desk*

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ଚଳିତବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଶାସନ-ପ୍ରଶାସନକୁ କ୍ରିୟାଶୀଳ କରିବା ପାଇଁ ଶ୍ରୀ ମାଝୀ ମୁଖ୍ୟ ଶାସନ ସଚିବଙ୍କୁ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି। ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାରୀ ଭିତ୍ତିରେ କାର୍ଯ୍ୟ କରିବା ସହ ଓଡ଼ିଶାକୁ ଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟ ମଧ୍ୟରେ ସ୍ଥାନିତ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଜ୍ଞାନ ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରିବା ସହ ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ଖାଲି ପଡିଥିବା ସମସ୍ତ ସରକାରୀ ପଦବୀକୁ ଆସନ୍ତା ୨ ବର୍ଷ ମଧ୍ୟରେ ପୂରଣ କରିବା ପାଇଁ ପଦକ୍ଷେପ ନେବା ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ତଥା ସେମାନଙ୍କୁ ବାଧ୍ୟତାମୂଳକ ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

*Desk*

# ସେଣ୍ଟର ଲେବର କୋର୍ଟସ

କେନ୍ଦ୍ର ସରକାର ୪ଟି ନୂତନ ଶ୍ରମ ସଂହିତା ପାଇଁ ଚିଠା ନିୟମାବଳୀ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ୪ଟି ଶ୍ରମ ସଂହିତା ହେଉଛି ମଜୁରୀ ସଂହିତା-୨୦୧୯, ଶିଳ୍ପ ସମ୍ପର୍କ ସଂହିତା-୨୦୨୦, ସାମାଜିକ ସୁରକ୍ଷା ସଂହିତା-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦। ଏହି ନିୟମଗୁଡ଼ିକ ଜରିଆରେ ଶ୍ରମିକ, ମଜୁରୀ, ନିଯୁକ୍ତିର ପ୍ରକାର, ଗ୍ରାଚ୍ୟୁଇଟି, ବୋନସ୍ ପ୍ରଦାନ ଭଳି ବ୍ୟବସ୍ଥା ରହିଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୪୫ ଦିନ ମଧ୍ୟରେ ଚିଠା ନିୟମାବଳୀ ସମ୍ପର୍କରେ ଆପତ୍ତି ଏବଂ ପରାମର୍ଶ ଦାଖଲ ପାଇଁ ଆହ୍ୱାନ କରାଯାଇଛି ।

ଦେଶରେ ଥିବା ପୁରୁଣା ଶ୍ରମ ଆଇନକୁ ସରଳ ଏବଂ ସୁଗମ କରିବା ପାଇଁ ଶ୍ରମ ମନ୍ତ୍ରଣାଳୟ ଗତ ବର୍ଷ ନଭେମ୍ବର ୨୧ ତାରିଖରେ ୪ଟି ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା। ମନ୍ତ୍ରଣାଳୟ ଅନୁଯାୟୀ, ନୂତନ ଶ୍ରମ ସଂହିତା ଦେଶର ଶ୍ରମିକମାନଙ୍କ ପାଇଁ ଉତ୍ତମ ମଜୁରୀ, ସୁରକ୍ଷା, ସାମାଜିକ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବ। ଏହି ସଂହିତା ଅନୁଯାୟୀ ଶ୍ରମିକମାନେ ସର୍ବନିମ୍ନ ମଜୁରୀ ସହ ପ୍ରତ୍ୟେକ ନିଯୋଜନ ପାଇଁ ନିଯୁକ୍ତିପତ୍ର ପାଇବେ ଏବଂ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଦରମା ରହିବ। ଏହି ନୂଆ ଆଇନ ଫଳରେ ୪୦ କୋଟିରୁ ଅଧିକ ଶ୍ରମିକ ଗ୍ରାଚ୍ୟୁଇଟିର ଲାଭ ପାଇପାରିବେ।

***Desk***

# ଜିଏସ୍‌ଟି କଲେକସନ୍‌- ଡିସେମ୍ବର

ସାମଗ୍ରୀ ଓ ସେବା କର–ଜିଏସଟି'ର ସଂଗ୍ରହ ଗତ ମାସରେ ୬ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇ ମୋଟ ୧ ଲକ୍ଷ ୭୫ ହଜାର କୋଟି ଟଙ୍କାରେ ପହଞ୍ଚିଛି। ୨୦୨୪ ମସିହା ଡିସେମ୍ବର ମାସରେ ଜିଏସ୍‌ଟି ରାଜସ୍ୱ ୧ ଲକ୍ଷ ୬୪ ହଜାର କୋଟି ଟଙ୍କାରୁ ଅଧିକ ଥିଲା। ଗତ ମାସରେ କେନ୍ଦ୍ରୀୟ ଜିଏସଟି ସଂଗ୍ରହ ୩୪ ହଜାର ୨୮୯ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ୪୧ ହଜାର ୩୬୮ କୋଟି ଟଙ୍କା ଥିଲା। ସମନ୍ୱିତ ଆଇ.ଜି.ଏସ.ଟି ବାବଦରେ ୯୮ ହଜାର ୮୯୪ କୋଟି ଟଙ୍କା ସଂଗୃହୀତ ହୋଇଛି।

***Puri/R***

# ନବବର୍ଷ - ପୁରୀ

ଇଂରାଜୀ ନବବର୍ଷର ପ୍ରଥମ ଦିନରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନପାଇଁ ପ୍ରବଳ ଜନସମାଗମ ହୋଇଛି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାତି ପ୍ରାୟ ଗୋଟାଏ ୪୫ରେ ଦ୍ୱାରଫିଟା ପରେ ଦୈନିକ

ନୀତିକାନ୍ତି ସହ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ସମୁଦ୍ରକୂଳରେ ମଧ୍ୟ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦର୍ଶନପାଇଁ ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହୋଇଛି । ପୁରୀରେ ଭିଡ଼ ନିୟନ୍ତ୍ରଣପାଇଁ ୭୦ ପ୍ଲାଟୁନ୍ ଫୋର୍ସ ନିୟୋଜିତ କରାଯାଇଛି ।

***Desk, Boudh, Rayagada, Bhadrak/R***

# ନବବର୍ଷ

ଇଂରାଜୀ ନବବର୍ଷ ପାଳନ ଅବସରରେ ରାଜ୍ୟର ବିଭିନ୍ନ ଦେବଦେବୀ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରେ ଭିଡ଼ ପରିଲକ୍ଷିତ ହୋଇଛି । ବୌଦ୍ଧ ଜିଲ୍ଲାର ଐତିହାସିକ ଚାରିଶମ୍ଭୁ ଓ ରାମେଶ୍ୱର ପୀଠ, ଜଗନ୍ନାଥ ମନ୍ଦିରରେ ଏବଂ ରାୟଗଡ଼ା ଜିଲ୍ଲାର ମା’ ମଝିଘରିଆଣୀ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଛନ୍ତି ।

ଭଦ୍ରକର ଆରଡ଼ି ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନବବର୍ଷର ଶୁଭେଚ୍ଛା ଜଣାଇ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ।

*IPR*

# ରାଜ୍ୟପାଳ - ଅନୁ ଗର୍ଗ

ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅନୁ ଗର୍ଗ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ଭୁବନେଶ୍ୱର ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ସାକ୍ଷାତ୍ ସମରେ ଶ୍ରୀମତୀ ଗର୍ଗ ରାଜ୍ୟର ସାମଗ୍ରିକ ବିକାଶପାଇଁ ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେକ ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି ।

*IPR*

# ରାଜ୍ୟପାଳ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ପୁରୀ ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କୃଷ୍ଣାଞ୍ଜନପୁର ଗ୍ରାମ ଗସ୍ତକରି ଗ୍ରାମାବାସୀଙ୍କ ସହ ଭାବ ବିନିମୟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଋଣ ନେବା ସହ ଉଦ୍ୟୋଗପତି ହେବାପାଇଁ ପ୍ରୋତ୍ସାହିତ କରିଛନ୍ତି । ରାଜ୍ୟପାଳ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଗ୍ରାମାବାସୀ ଲାଭାନ୍ୱିତ ହେଉଥିବା ନେଇ ଆଲୋଚନା କରିଥିଲେ ।

*HS*

# ଖେଳକୁଦ

ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶପାଇଁ ଖେଳକୁଦ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଶିକ୍ଷା ସହ ସମନ୍ୱୟ କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ହକି ଇଣ୍ଡିଆର ଅଧ୍ୟକ୍ଷ ଡକ୍ଟର ଦିଲୀପ ତିର୍କୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଏ ସମ୍ପର୍କରେ ସାକ୍ଷାତ୍ ଆଲୋଚନା କରିଛନ୍ତି ।  ଖେଳକୁ ପ୍ରୋତ୍ସାହନ ଦେବା ଏବଂ ଯୁବକମାନଙ୍କ ମଧ୍ୟରେ ସୁସ୍ଥ ରହିବା କୌଶଳକୁ ମଜବୁତ କରିବା ଉପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଡକ୍ଟର ତିର୍କୀ ଗୁରୁତ୍ୱାରୋପ କରିଛନ୍ତି ।

*Desk*

# ସମୀକ୍ଷା ବୈଠକ

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନାଗରିକମାନଙ୍କ ପାଇଁ ଉନ୍ନତ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏବଂ ସହଯୋଗ ଯୋଜନାର ସଫଳ ରୂପାୟନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ରାଜ୍ୟର ସହରାଞ୍ଚଳଗୁଡ଼ିକରେ ପଟ୍‌ହୋଲ୍ ମୁକ୍ତ ସଡ଼କ, ଜଳ

ଯୋଗାଣ, ଡ୍ରେନେଜ୍ ସିଷ୍ଟମ୍ ଭଳି ଭିତ୍ତିଭୂମି କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ବନ୍ଦେ ମାତରମ୍

ନୂଆଦିଲ୍ଲୀର ଆକାଶବାଣୀ ଭବନରେ ଜାତୀୟ ଗୀତ 'ବନ୍ଦେ ମାତରମ୍'ର ଦୁଇଟି ପ୍ରକାରକୁ ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ– ସିଇଓ ଗୌରବ ଦ୍ୱିବେଦୀ ଆଜି ଉନ୍ମୋଚନ କରିଛନ୍ତି। 'ବନ୍ଦେ ମାତରମ୍'ର ୧୫୦ ତମ ବାର୍ଷିକୀ ପାଳନର ସ୍ମାରକୀ ଅଂଶସ୍ୱରୂପ ଏହି ସଂସ୍କରଣଗୁଡିକ ଡିଜିଟାଲ୍ ଭାବରେ ମୁକ୍ତିଲାଭ କରିଛି।

***Desk***

## ଆଇ.ଆଇ.ଏମ୍.ସି.

ଭାରତୀୟ ଜନସଞ୍ଚାର ସଂସ୍ଥାନ - ଡିମ୍ଡ୍ ବିଶ୍ୱବିଦ୍ୟାଳୟ ହେବା ପରେ ଆଜିଠାରୁ ନୂଆଦିଲ୍ଲୀ, ଢେଙ୍କାନାଳ ଏବଂ ଅନ୍ୟ ଆଞ୍ଚଳିକ ସଂସ୍ଥାନରେ ପିଏଚ୍.ଡି. କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରଜ୍ଞା ପାଲିୱାଲ୍ ଗୌର ଏହାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଡକ୍ଟର

ଗୌର କହିଛନ୍ତି, ଅନୁସନ୍ଧାନ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ପିଏଚ୍.ଡି. କାର୍ଯ୍ୟକ୍ରମ ସହାୟକ ହେବ । ଆଇ.ଆଇ.ଏମ୍.ସି. ପକ୍ଷରୁ ଉଭୟ ଫୁଲ୍ ଟାଇମ୍ ଏବଂ ପାର୍ଟ ଟାଇମ୍ ପିଏଚ୍.ଡି. କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଛାତ୍ରଛାତ୍ରୀମାନେ ଆଇ.ଆଇ.ଏମ୍.ସି.ର ୱେବ୍‌ସାଇଟ୍ iimc.gov.inରେ ଲଗ୍‌ଇନ୍ କରି ଅଧିକ ତଥ୍ୟ ପାଇପାରିବେ । ଏଥିପାଇଁ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

***Deogarh/R***

# ମୋବାଇଲ୍ ୟୁନିଟ୍ ସେବା

ଦେବଗଡ଼ ଜିଲ୍ଲାରେ ଗୃହ ନିର୍ମାଣ ଓ ନଗର ଉନ୍ନୟ ବିଭାଗ ପକ୍ଷରୁ ମୋବାଇଲ୍ ୟୁନିଟ୍ ସେବା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ସହରାଞ୍ଚଳ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିବା ସହ ମୋବାଇଲ୍ ସେବା ୟୁନିଟ୍ ଆରମ୍ଭ କରିଛି । ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଚାର କରାଯାଇ ଜନ ସଚେତନତା ସୃଷ୍ଟି କରାଯିବା ଲକ୍ଷ୍ୟ ରହିଛି ।

*Desk*

# ପି.ଏମ୍. ମାତୃବନ୍ଦନା

ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ଆଜି ୯ ବର୍ଷ ପୂରଣ ହୋଇଛି। ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏହି ଯୋଜନା ୨୦୧୭ ମସିହା ଜାନୁଆରୀ ୧ ତାରିଖରେ ଆରମ୍ଭ କରାଯାଇଥିଲା।

କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ସାମାଜିକ ଓ ଅର୍ଥନୈତିକ ଭାବେ ଅନଗ୍ରସର ମହିଳାମାନଙ୍କୁ ପ୍ରସବକାଳୀନ ଲାଭ ପ୍ରଦାନ କରାଯାଉଛି। ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ପ୍ରଥମ ପିଲା ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯାଉଥିବା ବେଳେ ଦ୍ୱିତୀୟ କନ୍ୟା ସନ୍ତାନ ପାଇଁ ୬ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୪ କୋଟି ୫୦ ଲକ୍ଷରୁ ଅଧିକ ଲାଭାର୍ଥୀ ଏହି ଯୋଜନାରେ ପଞ୍ଜୀକୃତ ହୋଇଥିବା ବେଳେ ୧୯ ହଜାର କୋଟିରୁ ଅଧିକ ଟଙ୍କା ସେମାନଙ୍କୁ ପ୍ରଦାନ କରାଯାଇଛି।

******